# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 August – 2025

*********************************

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଯୋଜାରେ ୩୫୦ ନୂଆ ବିମାନ ବନ୍ଦର ନିର୍ମାଣ କରାଯିବ; କହିଲେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

– ଭୁବନେଶ୍ୱରରେ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳଚଳ ମନ୍ତ୍ରୀ ସମ୍ମିଳନୀ ଉଦ୍‌ଘାଟିତ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅପରାହ୍ଣରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

- ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରେ ସନ୍ଧ୍ୟାରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ନିକୁଞ୍ଜ ଲୀଳା ନୀତି

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ନେଇ ସତର୍କ ସୂଚନା

BBSR/R

# ବିମାନ ବନ୍ଦର ସମ୍ପ୍ରସାରଣ

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଯୋଜନାରେ ୩୫୦ ନୂଆ ବିମାନ ବନ୍ଦର ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରାପୁ କହିଛନ୍ତି। ଆସନ୍ତା ୧୦ ବର୍ଷରେ ଦେଶରେ ୧୨୦ଟି ନୂଆ ଗନ୍ତବ୍ୟ ସ୍ଥଳ ସୃଷ୍ଟି କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ପୁରୀରେ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିସାରିଥିବା ନେଇ ଶ୍ରୀ ନାଇଡୁ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀରେ ଯୋଗଦେବା ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଆଜି ଉଡ଼ାନ ଯାତ୍ରୀ କାଫେ ଓ କିଡ୍‌ସ ଜୋନ୍‌କୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ନାଇଡୁ ଉଦ୍‌ଘାଟନ କରିଛନ୍ତି। ବିମାନବନ୍ଦରରେ ଥିବା ପୁରୁଣା ଟର୍ମିନାଲରେ ନୂତନ କୋଠା ନିର୍ମାଣ ପାଇଁ ଯୋଜନା ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି।

**- V/O –**

BBSR/R

# ବିମାନ ଚଳାଚଳ ସମ୍ମିଳନୀ

ବିମାନ ଚଳାଚଳ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଦେଶର ବିମାନ ଚଳାଚଳ କ୍ଷେତ୍ରରେ ପୂର୍ବାଞ୍ଚଳର ଭୂମିକାକୁ ସୁଦୃଢ଼ କରିବା ଦିଗରେ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜାତୀୟ ବିମାନ ଚଳାଚଳ ନୀତି ଅନୁଯାୟୀ ରାଜ୍ୟରେ ମଧ୍ୟ ଏକ ସ୍ୱତନ୍ତ୍ର ବିମାନ ଚଳାଚଳ ନୀତି ପ୍ରସ୍ତୁତ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ନୂଆ ୧୫ଟି ଗନ୍ତବ୍ୟ ସ୍ଥଳ ଆକାଶପଥ ମାଧ୍ୟମରେ ଯୋଡ଼ି ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କହିଛନ୍ତି।

**- V/O -**

ବୈଠକରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରାପୁ ଯୋଗଦେଇ କହିଛନ୍ତି, ଗତ ୧୧ ବର୍ଷରେ ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଅଭିବୃଦ୍ଧି ସହ ରୂପାନ୍ତରଣ ଆସିଛି। ବିମାନ ବନ୍ଦର ସଂଖ୍ୟା ୭୪ରୁ ବୃଦ୍ଧି ପାଇ ୧୬୨ରେ ପହଁଞ୍ଚିଛି।

ପ୍ରତି ୪୫ ଦିନରେ ଦେଶରେ ଗୋଟିଏ ଲେଖାଏଁ ବିମାନବନ୍ଦର ନିର୍ମାଣ କରାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ୨୦୧୪ ମସିହାରେ ୪୦୦ ବିମାନ ଥିବାବେଳେ ୨୦୨୪ ମସିହାରେ ଏହା ଦ୍ୱିଗୁଣିତ ହୋଇ ୮୦୦ରେ ପହଁଞ୍ଚିଛି। କାର୍ଯ୍ୟକ୍ରମରେ ବିମାନ ବନ୍ଦର, ହେଲିପୋର୍ଟ ବିକାଶ ମଡେଲ, ଉଡ଼ାନ ଯୋଜନା ଏବଂ ଆଞ୍ଚଳିକ ସଂଯୋଗ, ବିମାନ ଚଳାଚଳରେ ଦକ୍ଷତା ବିକାଶ ଏବଂ ହେଲିକପ୍ଟର ଜରୁରୀକାଳୀନ ମେଡିକାଲ ସେବାର ଭବିଷ୍ୟତ ଉପରେ ବୈଠକରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ସମ୍ମିଳନୀରେ ଓଡ଼ିଶା ସମେତ ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ କେନ୍ଦ୍ରଶାସିତ ଅଞ୍ଚଳର ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଅଂଶୀଦାର ଯୋଗ ଦେଇଛନ୍ତି ।

BBSR/R

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ

ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ନବୀନଙ୍କୁ ଭେଟିଲେ ରାଜ୍ୟପାଳ

ରାଜ୍ୟପାଳ ହରିବାବୁ କମ୍ଭମପାଟି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ସାକ୍ଷାତ କରି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଗତ ଶନିବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶ୍ରୀ ପଟ୍ଟନାୟକଙ୍କୁ ଭେଟିଥିଲେ। ଗତ କିଛିଦିନ ତଳେ ଅସୁସ୍ଥ ହୋଇ ଶ୍ରୀ ପଟ୍ଟନାୟକ ଚିକିତ୍ସା ପାଇଁ ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ।

Desk

## ଜମିପଟ୍ଟା

ରାଜ୍ୟରେ ଥିବା ଭୂମିହୀନ ଲୋକଙ୍କୁ ଆସନ୍ତା ବର୍ଷ ଅଗଷ୍ଟ ମାସ ସୁଦ୍ଧା ସରକାର ଜମିପଟ୍ଟା ପ୍ରଦାନ କରିବେ ବୋଲି ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଭୂମିହୀନ ବ୍ୟକ୍ତଙ୍କ ସହ ସମସ୍ତ ବିଦ୍ୟାଳୟଗୁଡ଼ିକୁ ମଧ୍ୟ ଜମିପଟ୍ଟା ଯୋଗାଇ ଦିଆଯିବ।

ଏଥିସହ ଶିକ୍ଷାନୁଷ୍ଠାନକୁ ଜଙ୍ଗଲ କିଶମ ଜମି ମଧ୍ୟ ପଟ୍ଟା କରି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

Desk

## ଯୁକ୍ତ ଦୁଇ ନାମଲେଖା

ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆଜିଠାରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ଖାଲି ପଡ଼ିଥିବା ସିଟ୍ ପୂରଣ ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଦିନ ୩ଟାରୁ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ। ନାମଲେଖାର ଶେଷ ତାରିଖ ଚଳିତ ମାସ ୩୧ ତାରିଖ ଧାର୍ଯ୍ୟ କରାଯାଇଛି। ଆସନ୍ତାମାସ ୪ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ପରେ ୬ରୁ ୧୦ ତାରିଖ ମଧ୍ୟରେ ଯୋଗ୍ୟ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ। ସ୍ପଟ୍ ଆଡମିଶନ ପାଇଁ ଆସନ୍ତା ମାସ ୧୨ ତାରିଖରୁ ଚଏସ୍ ଲକିଂ ସୁବିଧା ଉପଲବ୍ଧ ହେବ। ୧୭ ତାରିଖ ଅପରାହ୍ନ ୩ଟାରେ ସ୍ପଟ୍ ଚୟନ ମେଧାତାଲିକା ଏବଂ ୱେଟିଂ ଲିଷ୍ଟ ପ୍ରକାଶ ପାଇ ୧୮ ଓ ୧୯ ତାରିଖରେ ନାମଲେଖା ହେବ ବୋଲି ସୂଚନା ଦିଆଯାଇଛି।

Desk

## ଚୋରା ନିଶା କାରବାର

ରାଜ୍ୟରେ ଚୋରା ନିଶା କାରବାରକୁ ରୋକିବା ପାଇଁ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଶା ଚାଲାଣ ସହ ଜଡ଼ିତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସ୍କୁଲ, କଲେଜ ଓ ଜନବସତି ଅଞ୍ଚଳରେ ନିଶା କାରବାର ରୋକିବାକୁ ମୁଖ୍ୟ ଶାସନ ସଚିବ ପ୍ରାଧାନ୍ୟ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ଚୋରା ନିଶା କାରବାରକୁ ରୋକିବା ପାଇଁ ବ୍ୟାପକ ଚଢ଼ାଉ ଉପରେ ଆଲୋଚନା କରାଯାଇଛି।

Puri

## ନିକୁଞ୍ଜ ଲୀଳା

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁଙ୍କ ନିକୁଞ୍ଜ ଲୀଳା ନୀତି ଅନୁଷ୍ଠିତ ହେବ। ଜନ୍ମାଷ୍ଟମୀ ପରଠାରୁ ଶ୍ରୀମନ୍ଦିରରେ ହୋଇଆସୁଥିବା ଶ୍ରୀକୃଷ୍ଣ ଲୀଳାକ୍ରମରେ ଆଜି ସନ୍ଧ୍ୟା ଧୂପ ପରେ ଏହି ସ୍ୱତନ୍ତ୍ର ନିକୁଞ୍ଜ ଲୀଳା ବିଧି ପାଳନ କରାଯିବ। ରାମକୃଷ୍ଣ ନାଟ ମଣ୍ଡପରେ ବିଜେ ହେବା ପରେ ହରଚଣ୍ଡୀ ସାହି ଲୋକେ ଏହି ସ୍ୱତନ୍ତ୍ର ଲୀଳା ପରିବେଷଣ କରିବେ। ପୌରାଣିକ କଥା ଅନୁସାରେ, ଶ୍ରୀକୃଷ୍ଣ କିଶୋର ଅବସ୍ଥାରେ ଗୋପଲୀଳା କରୁଥିବା ସମୟରେ ଗୋପୀଙ୍କ ଭିତରେ କଂସଦ୍ୱାରା ପ୍ରେରିତ ଜଣେ ରାକ୍ଷସୀ ମାୟା କରି ଶ୍ରୀକୃଷ୍ଣଙ୍କୁ ମୋହିତ କରି

ହରଣ କରିବା ପାଇଁ ଚେଷ୍ଟା କରିଥିଲେ। ଶ୍ରୀକୃଷ୍ଣ ଏହା ଜାଣିପାରି ଗୋପୀରୂପୀ ରାକ୍ଷସୀଙ୍କୁ ବଶୀଭୂତ କରି ବିଦା କରିଥିଲେ। ଏହାକୁ ଶ୍ରୀକୃଷ୍ଣଙ୍କ ନିକୁଞ୍ଜ ଲୀଳା ରୂପେ ବିବେଚନା କରାଯାଏ।

Sambalpur/BHK/Desk

## ବନ୍ୟା

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

ଲଗାଣ ବର୍ଷା ଯୋଗୁଁ ବୈତରଣୀ ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଚଳିତ ବନ୍ୟାରେ ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ ଓ ଭୋଗରାଇ ଅଞ୍ଚଳ ପ୍ରଭାବିତ ହୋଇଛି ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ି କହିଛନ୍ତି। ଭଦ୍ରକ ଜିଲ୍ଲା ଆଖୁଆପଦାରେ ବୈତରଣୀ ନଦୀର ଜଳସ୍ତର ଆଜି ଦିନ ଗୋଟାଏ ସୁଦ୍ଧା ୧୮ ଦଶମିକ ୬/୨ ମିଟର ରହିଛି। ଏହାର ବିପଦ ସଂକେତ ୧୮

ଦଶମିକ ୩/୩ ମିଟର। ଧାମନଗର ବ୍ଲକର ହସ୍‌ନାବାଦ ଓ ଅର୍ଜୁନପୁର ପଞ୍ଚାୟତରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁଇଦିନ ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ବନ୍ଦ ରଖାଯାଇଛି। ଜଳବନ୍ଦୀ ଗ୍ରାମଗୁଡ଼ିକରେ ପ୍ରଭାବିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି।

ବାଲେଶ୍ୱର ଜିଲ୍ଲାର ରାଜଘାଟରେ ସୁବର୍ଣ୍ଣରେଖା ନଦୀ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି। କାଣୀ ନଦୀରେ ୩୦ ମିଟରର ଘାଇ ସୃଷ୍ଟି ହୋଇଛି। ବନ୍ୟାପାଣି ହ୍ରାସ ପାଇବା ପରେ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହେବ। ରେଙ୍ଗାଲୀ ଡ୍ୟାମରେ ଦୁଇଟି ଗେଟ୍‌କୁ ଖୋଲାଯାଇଛି ବୋଲି ଶ୍ରୀ ପାଢ଼ି କହିଛନ୍ତି।

ଉପରମୁଣ୍ଡରେ ପ୍ରବଳ ବର୍ଷାଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୧ ଦଶମିକ ୬/୫ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୧୨ ହଜାର ୫୦୭ ଘନଫୁଟ ଜଳ ପ୍ରବେଶ କରୁଛି। ସେହି ସମୟ ମଧ୍ୟରେ ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୨୩ ହଜାର ୫୫୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

# କମନୱେଲ୍ଥ ଗେମ୍ସ

ଗୁଜୁରାଟର ଅହମ୍ମଦାବାଦଠାରେ ଅନୁଷ୍ଠିତ ଜୁନିୟର କମନ୍ୱେଲ୍ଥ ଭାରଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରିତିସ୍ମିତା ଭୋଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ମହିଳା ୪୪ କିଲୋ ଓଜନ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରିତିସ୍ମିତା ଏହି ସ୍ୱର୍ଣ୍ଣ ପଦକ ସହ ତିନୋଟି କମନୱେଲ୍ଥରେ ରେକର୍ଡ ସୃଷ୍ଟି କରିଛନ୍ତି।